ମାଖନ ଲାଲ ଗୋକୁଲ୍ ଚାନ୍ଦ

ବନାମ

ପ୍ରଶାସକ, ଦିଲ୍ଲୀ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ଅନ୍ୟଜଣେ

ନଭେମ୍ବର 2, 1999

[ପ୍ରଧାନ ବିଚାରପତି ଡକ୍ଟର ଏ. ଏସ୍. ଆନନ୍ଦ, ଜି. ଟି. ନାନାବତୀ, କେ. ଟି. ଥୋମାସ, ଡି. ପି. ୱାଧୱା ଏବଂ ଏସ୍. ରାଜେନ୍ଦ୍ର ବାବୁ, ନ୍ୟାୟମୂର୍ତ୍ତିମାନେ]

*ପ୍ରତିଷେଧକ ଅଟକ:*

*ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ଚୋରାଚାଲାଣ କାର୍ଯ୍ୟକଳାପ ନିବାରଣ ଅଧିନିୟମ, 1974/ସାଧାରଣ ଖଣ୍ଡ ଅଧିନିୟମ, 1897, ଧାରା 11/ଧାରା 21— ଅଟକ ଆଦେଶ— ତିନି ଥର ଆପତ୍ତି କରାଯାଇଛି— ଆପତ୍ତି ପ୍ରତ୍ୟେକ ଥର ବିଫଳ ହୋଇଛି— ଆଦେଶକୁ ଚତୁର୍ଥ ଥର ଆପତ୍ତି କରାଯାଇଛି— ନିବେଦନ ପତ୍ରକୁ ପ୍ରତ୍ୟାଖ୍ୟାନ କରାଯାଇଛି— ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ, ଏକ ଆଜ୍ଞାଦେଶ ଆବେଦନ ଏହି ଆଧାରରେ ଆଗତ ହୋଇଥିଲା ଯେ ରାଜ୍ୟ ସରକାର ଚତୁର୍ଥ ନିବେଦନ ପତ୍ର ଉପରେ ବିଚାର କରିବା ପାଇଁ ଏକ ନୂତନ ଉପଦେଷ୍ଟା ମଣ୍ଡଳୀ ଗଠନ କରିବାରେ ବିଫଳ ହୋଇଥିଲେ— ନିର୍ଣ୍ଣୟ ହୋଇଛି, "ନୂତନ ଆଧାର", "ନୂତନ ସାମଗ୍ରୀ" କିମ୍ବା କୌଣସି "ପରବର୍ତ୍ତୀ ଘଟଣା" ର ଅନୁପସ୍ଥିତିରେ, ନୂତନ ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ନିବେଦନ ପତ୍ରର ବିଚାର କରିବାକୁ ରାଜ୍ୟ ଉପରେ କୌଣସି ଦାୟିତ୍ୱ ନଥିଲା, ତେଣୁ, ନିବେଦନ ପତ୍ରକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଏକ 'ନୂତନ' ଉପଦେଷ୍ଟା ମଣ୍ଡଳୀ ଗଠନ ନ କରିବା କ୍ଷେତ୍ରରେ ରାଜ୍ୟର ବିବେକାଧିନ କ୍ଷମତାର ପ୍ରୟୋଗକୁ ଭୁଲ ବୋଲି କୁହାଯାଇପାରିବ ନାହିଁ— ଅଟକ ବନ୍ଦୀଙ୍କ ପାଖରେ କୌଣସି ନୂଆ କାରଣ ନଥାଇ ଚତୁର୍ଥ ଥର ପାଇଁ ନିବେଦନ ପତ୍ର ଆଗତ କରିବା, ସ୍ପଷ୍ଟ ଭାବରେ ଆଉ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିବା ଉଦ୍ଦେଶ୍ୟରେ ହିଁ କରାଯାଇଥିଲା— ଅଟକବନ୍ଦୀଙ୍କ ଆଚରଣକୁ ନାପସନ୍ଦ କରାଯାଇଛି— ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି— ତେବେ, ଅଟକ ବନ୍ଦୀଙ୍କୁ ଅଟକ ରଖିବାର ଅବଶିଷ୍ଟ ଅବଧି ପାଇଁ ହେପାଜତକୁ ନେବା ଆବଶ୍ୟକ ନାହିଁ— ଭାରତର ସମ୍ବିଧାନ— ଅନୁଚ୍ଛେଦ 32 ।*

ମୂଳ ଫୌଜଦାରୀ କ୍ଷେତ୍ରାଧିକାର: ଆଜ୍ଞାଦେଶ ଆବେଦନ (ଫୌଜଦାରୀ) ସଂଖ୍ୟା 608/1983

(ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

ହରଜିନ୍ଦର ସିଂହ, ରାଣୀ ଜେଠମଲାନୀ, ଗୌରୀ କରୁଣା ଦାସ ଏବଂ ଲୀନା ପ୍ରସାଦ ଆବେଦନକାରୀଙ୍କ ପାଇଁ ।

ସୁଶ୍ରୀ ରେଖା ପାଣ୍ଡେ ଉତ୍ତରଦାତାମାନଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

1983 ମସିହା ସେପ୍ଟେମ୍ବର 27 ତାରିଖରେ, ଏହି ନ୍ୟାୟାଳୟର ତିନି ଜଣିଆ ବିଚାରପୀଠ, *ରାମ ବାଳି ରାଜଭର ବନାମ ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ,* [1975] 3 ଏସସିଆର୍ 63 ମାମଲାରେ କରାଯାଇଥିବା 'ବ୍ୟାପକ ପର୍ଯ୍ୟବେକ୍ଷଣ' ର ସଠିକତା ଉପରେ ସନ୍ଦେହ ପ୍ରକଟ କରିଥିଲେ ଏବଂ ଏହି ମତ ପୋଷଣ କରିଥିଲେ ଯେ *ପୁଷ୍ପା ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* ଏଆଇଆର୍ (1979) ଏସସି 1953 ମାମଲାରେ ପ୍ରକାଶିତ ମତ, *ରାଜଭରଙ୍କ ମାମଲା* (ଉପରୋକ୍ତ)

ର ରାୟର ସିଧାସଳଖ ବିରୁଦ୍ଧରେ ଯାଉଥିବାରୁ, ଏହି ବିଷୟକୁ ଏକ ବୃହତ୍ତର ଖଣ୍ଡପୀଠକୁ ପ୍ରେରଣ କରାଗଲା । 15 ଡିସେମ୍ବର 1982 ତାରିଖର ଆଦେଶ ଦ୍ଵାରା ଲାଗୁ କରାଯାଇଥିବା 12 ମାସର ଅଟକ ଅବଧି ମଧ୍ଯରୁ ଅଟକ ବନ୍ଦୀ 10 ମାସର କାରାଦଣ୍ଡ ଭୋଗି ସାରିଥିବା ଲକ୍ଷ୍ୟ କରି, ସନ୍ଦର୍ଭିତ ଖଣ୍ଡପୀଠ ଅଟକ ବନ୍ଦୀଙ୍କୁ ସର୍ତ୍ତମୂଳକ ସାମୟିକ ମୁକ୍ତିରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆବେଦନକାରୀ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ହରଜିନ୍ଦର ସିଂ ଆମକୁ ରାଜଭରଙ୍କ ମାମଲା ଏବଂ *ପୁସ୍ୱାଙ୍କ* ମାମଲା (ଉପୋରୋକ୍ତ) ରେ ପ୍ରଦାନ କରାଯାଇଥିବା ରାୟ ବିଷୟରେ ଜଣାଇଛନ୍ତି । ତେବେ ଉଭୟ ରାୟକୁ ଯତ୍ନର ସହ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଉଭୟ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ । ଆମ ମତରେ, *ରାଜଭରଙ୍କ* ମାମଲାରେ (ଉପରୋକ୍ତ) ପ୍ରକାଶିତ ମତ ସଠିକ୍ ଆଇନକୁ ସ୍ଥିର କରେ ଏବଂ କୌଣସି ପୁନର୍ବିଚାର କଥା କହି ନାହିଁ।ଯେପର୍ଯ୍ୟନ୍ତ ପୁସ୍ୱାଙ୍କ ମାମଲା (ଉପରୋକ୍ତ) ରେ ପ୍ରକାଶିତ ମତ ସମ୍ପୃକ୍ତ, ଏହା ଧ୍ୟାନ ଦେବା ଯୋଗ୍ୟ ଯେ ବିଦ୍ୱାନ ଏକକ ବିଚାରପତି, ଅବକାଶ ସମୟରେ ଆବେଦନର ନିଷ୍ପତ୍ତି ନେବାବେଳେ, ଏପରି କିଛି କହି ନଥିଲେ ଯାହା *ରାଜଭରଙ୍କ* ମାମଲା (ଉପରୋକ୍ତ) ରେ ପ୍ରକାଶିତ ମତର ବିପରୀତ ବୋଲି ବିବେଚନା କରାଯାଇପାରେ । ତଥ୍ୟ ଆଧାରରେ ସେହି ମାମଲାରେ ଏହା ଜଣାପଡ଼ିଥିଲା ଯେ ଅଟକ ଆଦେଶ ବିରୁଦ୍ଧରେ ଅଟକ ବନ୍ଦୀଙ୍କ ଦ୍ୱାରା ଦୁଇଟି ନିବେଦନ ପତ୍ର ପ୍ରଦାନ କରାଯାଇଥିଲା ଏବଂ ଉଭୟ ନିବେଦନ ପତ୍ରକୁ ସମାନ ଉପଦେଷ୍ଟା ମଣ୍ଡଳୀ ସମ୍ମୁଖରେ ରଖାଯାଇଥିଲା ଯେତେବେଳେ ଏହା ବସିଥିଲା ଏବଂ ମଣ୍ଡଳୀ ସେହି ବୈଠକରେ ନିବେଦନ ପତ୍ରଗୁଡିକ ଉପରେ ବିଚାର କରିଥିଲା । ସେହି ମାମଲାରେ ଉଠାଯାଇଥିବା ତର୍କ ଏହା ଯେ ଦ୍ୱିତୀୟ ନିବେଦନ ପତ୍ରକୁ ଏକ ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ବିଚାର କରାଯାଇ ନଥିଲା, ଯେହେତୁ ଏହା ଅବୈଧ ବୋଲି ଜଣାପଡ଼ିଥିଲା । ସେହି ପରିସ୍ଥିତିରେ, ନ୍ୟାୟାଳୟ ଏହି ଯୁକ୍ତିର ବିଚାର କରିବାକୁ ମନା କରିଥିଲେ ଯେ, ଉପଦେଷ୍ଟା ମଣ୍ଡଳୀ ସମ୍ମୁଖରେ ନିଜ ପକ୍ଷ ରଖିବା ପାଇଁ ଅଟକ ବନ୍ଦୀଙ୍କ ବ୍ୟକ୍ତିଗତ ଉପସ୍ଥିତି, ସେ ଏକ ବିସ୍ତୃତ ଲିଖିତ ନିବେଦନ ପତ୍ର ଦାଖଲ କରିଥିବାରୁ, ତାଙ୍କର କୌଣସି ଅଧିକାର କ୍ଷୁର୍ଣ୍ଣ ହୋଇଛି କି ନାହିଁ ।

ପକ୍ଷମାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ *ରାଜଭରଙ୍କ* ମାମଲା ଏବଂ ପୁସ୍ୱାଙ୍କ ମାମଲା ମଧ୍ୟରେ ବିବାଦ ରହିଥିବାର କୌଣସି କ୍ଷେତ୍ରକୁ ଦର୍ଶାଇବାରେ ଅସମର୍ଥ ହୋଇଛନ୍ତି । ବିଦ୍ୱାନ ଓକିଲଙ୍କ ପ୍ରତି ନିରପେକ୍ଷ ଭାବରେ ଏହା ଧ୍ୟାନ ଦେବା ଆବଶ୍ୟକ ଯେ ସେମାନେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଏହି ସନ୍ଦର୍ଭର ଉତ୍ତର ଦେବାର କୌଣସି ଆବଶ୍ୟକତା ନାହିଁ । ଆମେ ସହମତ ।

ତେବେ, ବର୍ତ୍ତମାନ ମାମଲାର ତଥ୍ୟକୁ ଆସିବା । ଏହା ଜଣାପଡିଛି ଯେ ଅଟକ ଆଦେଶ ବିରୁଦ୍ଧରେ ଆବେଦନକାରୀଙ୍କ ଦ୍ୱାରା ନିବେଦନ ପତ୍ର ପ୍ରଦାନ କରାଯାଇଥିଲା ଯାହା ଅଟକ କର୍ତ୍ତୃପକ୍ଷ ଏବଂ ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ବିଚାର କରାଯାଇଥିଲା । ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଅଟକ ଆଦେଶ ଏବଂ ପ୍ରତ୍ୟାଖ୍ୟାନ ଆଦେଶ କିମ୍ବା ନିବେଦନ ପତ୍ରଗୁଡିକୁ, ଆଜ୍ଞାଦେଶ ଆବେଦନ ସଂଖ୍ୟା 6/1983 ମାଧ୍ୟମରେ ଆପତ୍ତି କରାଯାଇଥିଲା, ଯାହାକୁ 1 ଫେବୃଆରୀ, 1983 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ କରାଯାଇଥିଲା । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଏହି ନ୍ୟାୟାଳୟରେ ସ୍ୱତନ୍ତ୍ର ଅନୁମତି ଆବେଦନ ସଂଖ୍ୟା 379/1983 ମାଧ୍ୟମରେ ଆପତ୍ତି କରାଯାଇଥିଲା ।ସ୍ୱତନ୍ତ୍ର ଅନୁମତି ଆବେଦନ ସଂଖ୍ୟା 379/1983 ସହିତ, ଭାରତୀୟ ସମ୍ବିଧାନର ଧାରା ୩୨ ଅଧୀନରେ ଅନ୍ୟ ଏକ ଆଜ୍ଞାଦେଶ ଆବେଦନ, ଯାହାକି ଆଜ୍ଞାଦେଶ ଆବେଦନ (ଫୌଜଦାରୀ) ସଂଖ୍ୟା 182/1983, ମଧ୍ୟ ଦାଖଲ କରାଯାଇଥିଲା; ଯେଉଁଥିରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବଜାୟ ରଖାଯାଇଥିବା ସେହି ସମାନ ଅଟକ ଆଦେଶକୁ ପୁନର୍ବାର ଆପତ୍ତି କରାଯାଇଥିଲା । ସ୍ୱତନ୍ତ୍ର ଅନୁମତି ଆବେଦନ ଏବଂ ଆଜ୍ଞାଦେଶ ଆବେଦନ ମଧ୍ୟ, 23 ଫେବୃଆରୀ, 1983 ରେ ଏହି ନ୍ୟାୟାଳୟର ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ଖାରଜ ହୋଇଥିଲା । ଏହା ପରେ ଆବେଦନକାରୀ "ଅତିରିକ୍ତ ଆଧାରରେ" ଅଟକ ଆଦେଶକୁ ଆପତ୍ତି କରି ଆଉ ଏକ ଆଜ୍ଞାଦେଶ

ଆବେଦନ (ଫୌଜଦାରୀ) ସଂଖ୍ୟା 363/1983 ଆଗତ କରିଥିଲେ । ସେହି ଆଜ୍ଞାଦେଶ ଆବେଦନକୁ ମଧ୍ୟ ଏହି ନ୍ୟାୟାଳୟ ଦ୍ୱାରା 27 ଏପ୍ରିଲ, 1983 ରେ ଖାରଜ କରାଯାଇଥିଲା ।27 ଏପ୍ରିଲ 1983 ରେ ତୃତୀୟ ଆଜ୍ଞାଦେଶ ଆବେଦନ ଖାରଜ ହେବା ପରେ, ଆବେଦନକାରୀ କୋଫେପୋସା ର ଧାରା 11 ସହିତ ପାଠ କରାଯାଉଥିବା ସାଧାରଣ ଖଣ୍ଡ ଅଧିନିୟମର ଧାରା 21 ଅଧୀନରେ ଥିବା କ୍ଷମତାର ପ୍ରୟୋଗ କରି 7 ମଇ 1983 ରେ ପ୍ରଥମ ଉତ୍ତରଦାତାଙ୍କୁ ଏକ ନିବେଦନ ପତ୍ର ପଠାଇଥିବା ଜଣାପଡୁଛି । ଆବେଦନକାରୀ ମଧ୍ୟ ତାଙ୍କର ଏହି ନିବେଦନ ପତ୍ର ଉପରେ ବିଚାର କରିବା ପାଇଁ ଏକ ନୂତନ ଉପଦେଷ୍ଟା ମଣ୍ଡଳୀ ଗଠନ କରିବାକୁ ଅନୁରୋଧ କରିଥିଲେ । 1983 ମସିହା ମଇ 23 ତାରିଖରେ ଆବେଦନକାରୀଙ୍କ ନିବେଦନ ପତ୍ରକୁ, ଦିଲ୍ଲୀ ପ୍ରଶାସନ ଦ୍ୱାରା ଉପଯୁକ୍ତ ବିଚାର ପରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉପୋରୋକ୍ତ ଉଲ୍ଲେଖ ଅନୁଯାୟୀ, ଯେଉଁ ଅଟକ ଆଦେଶର ବୈଧତା ପୂର୍ବରୁ ନ୍ୟାୟାଳୟଙ୍କ ଦ୍ୱାରା କାଏମ ରଖାଯାଇଥିଲା, ସେହି ସମାନ ଅଟକ ଆଦେଶକୁ ଆପତ୍ତି କରି, ତା'ପରେ ଏହି ଚତୁର୍ଥ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଛି । ଅଟକ ବନ୍ଦୀଙ୍କ ପକ୍ଷରୁ ହାଜର ହୋଇଥିବା ଶ୍ରୀ ହରଜିନ୍ଦର ସିଂହ ଯୁକ୍ତି ବାଢ଼ିଥିଲେ ଯେ, 7 ମଇ 1983 ର ନିବେଦନ ପତ୍ରକୁ ବିଚାର କରିବା ପାଇଁ ଏକ ନୂତନ ଉପଦେଷ୍ଟା ମଣ୍ଡଳୀ ଗଠନ କରିବାରେ ରାଜ୍ୟ ସରକାରଙ୍କ ବିଫଳତା, ସେହି ଅଟକ ଆଦେଶକୁ ତ୍ରୁଟିପୂର୍ଣ୍ଣ କରିଦେଇଛି ।

ରେକର୍ଡକୁ ଅନୁଧ୍ୟାନ କରିବା ଏବଂ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣାଣି କରିବା ପରେ, ଆମର ମତ ହେଉଛି ଯେ ଅଟକ ବନ୍ଦୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଦାଖଲ କରାଯାଇଥିବା ଉପସ୍ଥାପନାରେ କୌଣସି ଯୋଗ୍ୟତା ନାହିଁ । ଯେପରି ପୂର୍ବରୁ ଲକ୍ଷ୍ୟ କରାଯାଇଛି, ଆବେଦନକାରୀ ପୂର୍ବରୁ ତିନି ଥର ଅଟକ ଆଦେଶକୁ ଆପତ୍ତି କରିଥିଲେ ଏବଂ ବିଫଳ ହୋଇଥିଲେ । 1983 ମସିହା ମଇ 7 ତାରିଖରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ନିବେଦନ ପତ୍ରରୁ ଆମେ ଜାଣିବାକୁ ପାଇଛୁ ଯେ କୌଣସି ନୂତନ ତଥ୍ୟକୁ ନଥିରେ ଅଣାଯାଇ ନାହିଁ କିମ୍ବା ପରବର୍ତ୍ତୀ କୌଣସି ଘଟଣା ବିଷୟରେ ଦର୍ଶାଯାଇ ନାହିଁ ଯାହା ଅଟକ ବନ୍ଦୀଙ୍କ ଦ୍ୱାରା ଦିଆଯାଇଥିବା ନିବେଦନ ପତ୍ରର 'ନୂତନ' ବିଚାରକୁ ସମର୍ଥନ କରିପାରିଥାନ୍ତା । ଏହି ନିବେଦନ ପତ୍ରରେ କେବଳ ଭାଷାର ପରିବର୍ତ୍ତନ ଥିଲା ।ତେଣୁ, 23 ମଇ 1983 ତାରିଖରେ ଆବେଦନକାରୀଙ୍କୁ ଜଣାଇ ଦିଆଯାଇଥିବା ଆଦେଶ ଦ୍ୱାରା, 7 ମଇ 1983 ତାରିଖର ନିବେଦନ ପତ୍ରକୁ ପ୍ରତ୍ୟାଖ୍ୟାନ କରିବାରେ ଦିଲ୍ଲୀ ପ୍ରଶାସନ ନ୍ୟାୟସଙ୍ଗତ ଥିଲା । ଯେହେତୁ "ନୂତନ ଆଧାର", "ନୂତନ ସାମଗ୍ରୀ" କିମ୍ବା କୌଣସି "ପରବର୍ତ୍ତୀ ଘଟଣା" ର ଅନୁପସ୍ଥିତିରେ, ନୂତନ ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ନିବେଦନ ପତ୍ରର ବିଚାର କରିବାକୁ ରାଜ୍ୟ ଉପରେ କୌଣସି ଦାୟିତ୍ୱ ନଥିଲା, ତେଣୁ, ନିବେଦନ ପତ୍ରକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଏକ 'ନୂତନ' ଉପଦେଷ୍ଟା ମଣ୍ଡଳୀ ଗଠନ ନ କରିବା କ୍ଷେତ୍ରରେ ରାଜ୍ୟର ବିବେକାଧିନ କ୍ଷମତାର ପ୍ରୟୋଗକୁ ଭୁଲ ବୋଲି କୁହାଯାଇପାରିବ ନାହିଁ । ଯେପରିକି ପୂର୍ବରୁ ଲକ୍ଷ୍ୟ କରାଯାଇଛି, ଅଟକ ବନ୍ଦୀ ସେହି ସମାନ ଅଟକ ଆଦେଶକୁ ତିନିଥର ଅସଫଳ ଆପତ୍ତି କରିଥିଲେ । 1983 ମସିହା ମଇ 7 ତାରିଖରେ, ଅଟକ ବନ୍ଦୀଙ୍କ ପାଖରେ କୌଣସି ନୂଆ କାରଣ ନଥାଇ ନିବେଦନ ପତ୍ର ଆଗତ କରିବା, ସ୍ପଷ୍ଟ ଭାବରେ ଆଉ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିବା ଉଦ୍ଦେଶ୍ୟରେ ହିଁ କରାଯାଇଥିଲା । ଆମେ, ଅଟକ ବନ୍ଦୀଙ୍କ ଏହି ଆଚରଣକୁ ନାପସନ୍ଦ ନକରି ରହିପାରିବୁ ନାହିଁ । ଏହି ଆଜ୍ଞାଦେଶ ଆବେଦନରେ କୌଣସି ଯୋଗ୍ୟତା ନାହିଁ, ଯାହା ବିଫଳ ହୋଇଛି ଏବଂ ଏତଦ୍ୱାରା ଖାରଜ କରାଗଲା ।

ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଶେଷରେ ଏହା ଉପସ୍ଥାପନା କରିଥିଲେ ଯେ, ଯେହେତୁ ଅଟକ ବନ୍ଦୀ ଜଣକ ସର୍ତ୍ତମୂଳକ ସାମୟିକ ଭାବେ ମୁକ୍ତ ହେବା ପୂର୍ବରୁ ଦଶ ମାସ ଧରି ଅଟକ ରହିସାରିଛନ୍ତି, ତେଣୁ ବାକି ଥିବା ଅଟକ ଅବଧି କାଟିବା ପାଇଁ ତାଙ୍କୁ ପୁଣି ଥରେ କାରାଗାରକୁ ପଠା ନଯାଉ ।

ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, 15 ଡିସେମ୍ବର 1982 ରେ ଦିଆଯାଇଥିବା ଏକ ଆଦେଶ ବଳରେ ଆବେଦନକାରୀଙ୍କୁ ଅଟକ ରଖାଯାଇଥିଲା । ପ୍ରାୟ 10 ମାସ ଧରି ତାଙ୍କୁ ଅଟକ ରଖାଯିବା ପରେ, ଏହି ନ୍ୟାୟାଳୟ ତାଙ୍କୁ 1983 ମସିହା ସେପ୍ଟେମ୍ବର 27 ତାରିଖରେ ସର୍ତ୍ତମୂଳକ ସାମୟିକ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ 16 ବର୍ଷରୁ

ଅଧିକ ସମୟ ବିତିଗଲାଣି । ଆମ ମତରେ, ଏହି ମାମଲାର ବିଶେଷ ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ସର୍ତ୍ତମୂଳକ ସାମୟିକ ମୁକ୍ତି ଆଦେଶକୁ ବାତିଲ୍ କରିବା ଏବଂ ଆବେଦନକାରୀଙ୍କୁ ପ୍ରାୟ ଦୁଇ ମାସର ବାକି ଥିବା ଜେଲ୍ ଅବଧି କାଟିବା ପାଇଁ ନିର୍ଦ୍ଦେଶ ଦେବା ଏବେ ନ୍ୟାୟର ସ୍ୱାର୍ଥରେ ହେବ ନାହିଁ ।

ତେଣୁ, ଆମେ ଆଜ୍ଞାଦେଶ ଆବେଦନକୁ ଖାରଜ କରିବା ସମୟରେ ନିର୍ଦ୍ଦେଶ ଦେଉଛୁ ଯେ ଅଟକ ବନ୍ଦୀଙ୍କୁ ଅଟକ ରଖିବାର ଅବଶିଷ୍ଟ ଅବଧି ପାଇଁ ଏବେ ହେପାଜତକୁ ନେବାର ଆବଶ୍ୟକତା ନାହିଁ ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।